ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

News ID-IPR/STSC Dev.(OD)/972/02-01-2021

# ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ଟୁର୍‌ରେ 'ଭୂମିଜ୍' ଜନଜାତି

ଭୁବନେଶ୍ୱର, ତା.୦୨/୦୧/୨୦୨୧

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ସିଆର୍‌ପି ଛକସ୍ଥିତ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ପ୍ରତିଷ୍ଠାନ ପରିସରରେ ଥିବା ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ୍ ମୋଡ୍‌ରେ ଦେଖିବାର ବ୍ୟବସ୍ଥା କରାଯାଇଛି । ଜାନୁଆରୀ ୩ ତାରିଖ ଦିନ ଦର୍ଶକମାନେ ଫେସବୁକ୍ ଓ ଟୁଇଟର ପେଜ୍ @stscdev, @scstrti ଖୋଲି 'ଭୂମିଜ୍' ଜନଜାତିଙ୍କ ଜୀବନଶୈଳୀ ସଂପର୍କରେ ଜାଣିପାରିବେ ବୋଲି ଏସ୍‌ସିଏସ୍‌ଟିଆର୍‌ଟିଆଇର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓଟା ପ୍ରକାଶ କରିଛନ୍ତି ।

'ଭୂମିଜ୍' ଜନଜାତିର ଲୋକମାନେ ମୁଖ୍ୟତଃ ବାଲେଶ୍ୱର, ମୟୁରଭଞ୍ଜ, କେଉଁଝର, ସୁନ୍ଦରଗଡ଼ ଓ ଢେଙ୍କାନାଳ ଜିଲ୍ଲାରେ ବସବାସ କରିଥା'ନ୍ତି । କୃଷି, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ, ଶ୍ରମ କରିବା ସେମାନଙ୍କର ମୁଖ୍ୟ ପେଶା ଅଟେ । ଅନ୍ୟାନ୍ୟ ଜନଜାତି ଗୋଷ୍ଠୀଙ୍କ ସହିତ ଏକତ୍ର ବସବାସ କରିଥା'ନ୍ତି । 'ଭୂମିଜ୍' ଜନଜାତି ବେଶପୋଷାକ କ୍ଷେତ୍ରରେ ହିନ୍ଦୁ ଓ ଅନ୍ୟାନ୍ୟ ଜନଜାତିଙ୍କ ଦ୍ୱାରା ପ୍ରଭାବିତ ହୋଇଥା'ନ୍ତି । 'ଭୂମିଜ୍' ଜନଜାତି ପୁରୁଷମାନେ ଧୋତି ଓ ଗାମୁଛା ବ୍ୟବହାର କରିଥା'ନ୍ତି । ସେମାନେ ମଧ୍ୟ ସାର୍ଟ ପରିଧାନ କରିଥା'ନ୍ତି । ସେହିଭଳି ମହିଳାମାନେ ଶାଢ଼ି ଓ ବ୍ଲାଉଜ୍ (ଜ୍ୟାକେଟ୍) ପରିଧାନ କରିଥା'ନ୍ତି । ପାରମ୍ପରିକ ଭାବେ ସେଗୁଡ଼ିକ ସୂତା ବସ୍ତ୍ର ଓ ନାଲି କମ୍ୱା ନୀଳ ଧଡ଼ି ଥାଇ ପ୍ରସ୍ତୁତ କରାଯାଇଥାଏ । ମହିଳାମାନେ ନାକଚଣା, ମାଳିରେ ତିଆରି ହାର, ଆର୍ମଲେଟ୍, ଚୂଡ଼ି ଆଦି ସ୍ଥାନୀୟ ବଜାରରୁ କିଣି ପିନ୍ଧିଥା'ନ୍ତି । ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ଗହଣା ବ୍ୟୟବହୁଳ । ଅଧିକାଂଶ ଧାତୁ ମଧ୍ୟରୁ ରୂପା ତିଆରି ଗହଣା ମଧ୍ୟ 'ଭୂମିଜ୍' ଜନଜାତିର ମହିଳାମାନେ ପରିଧାନ କରିଥା'ନ୍ତି ।

'ଭୂମିଜ୍' ଜନଜାତି ଗୋଷ୍ଠୀ ଏକ ସ୍ୱତନ୍ତ୍ର ସାମାଜିକ-ଧାର୍ମିକ ବିଶ୍ୱାସକୁ ଅନୁସରଣ କରିଥା'ନ୍ତି । ବିଭିନ୍ନ ପ୍ରାକୃତିକ ବସ୍ତୁ ଯେପରିକି ଘୋଡ଼ା, ପଦ୍ମ, ସର୍ପ, ପୃଥିବୀ ଆଦିଙ୍କୁ ନେଇ ଏହି 'ଭୂମିଜ' ଜନଜାତି ୧୫ଟି ଗୋଷ୍ଠୀରେ ବିଭକ୍ତ ହୋଇଥା'ନ୍ତି । 'ସିଙ୍ଗବଙ୍ଗା' ସେମାନଙ୍କର ମୁଖ୍ୟ ଦେବତା । ପ୍ରତ୍ୟେକ ଗୋଷ୍ଠୀ ସେମାନଙ୍କ 'ପ୍ରତୀକ' ଅନୁଯାୟୀ ବିଭିନ୍ନ ପ୍ରଥାକୁ ମାନିଥା'ନ୍ତି ।

ଡକ୍ଟର ଜ୍ୟୋତିର୍ମତି ସାମନ୍ତରାୟ
ସୂଚନା ଅଧିକାରୀ